# ୭ ମହଲାକୁ ଷ୍ଟ୍ରେଚର ସାହା

ଢେଙ୍କାନାଳ ଅଫିସ,୨୦।୭

୭ ମହଲା ବିଶିଷ୍ଟ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ଉପର ମହଲାଗୁଡ଼ିକରେ ରହିଛି ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ୱାର୍ଡ ଓ ଅସ୍ତ୍ରୋପଚାର ଗୃହ। କିନ୍ତୁ ଚିକିତ୍ସାଳୟର ମୋଟ୍ ୪ଟି ଲିଫ୍ଟ ମଧ୍ୟରୁ ୩ଟି ଅଚଳ ହୋଇପଡ଼ିଛି। ସପ୍ତାହେ ବିତିଯାଇଥିଲେ ମଧ୍ୟ ଏହାର ମରାମତି କରାଯାଉ ନ ଥିବାରୁ ବଡ଼ କଷ୍ଟରେ ଷ୍ଟ୍ରେଚରରେ ଉପର ମହଲାଗୁଡ଼ିକୁ ବୁହା ହେଉଛନ୍ତି ରୋଗୀ। ଜିଲା ସ୍ୱାସ୍ଥ୍ୟ ବିଭାଗ ମରାମତି ଦାୟିତ୍ୱ ପୂର୍ତ୍ତ ବିଭାଗର କହି ଖସିଯିବାକୁ ବସିଥିବା ବେଳେ ପୂର୍ତ୍ତ ବିଭାଗ ଏହା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟ କହି ପାଲଟା ଦୋଷ ଲଦିବା ଚର୍ଚ୍ଚାର ବିଷୟ ହୋଇଛି।

ସହରସ୍ଥିତ ଦକ୍ଷିଣକାଳୀ ଅଞ୍ଚଳରେ ପ୍ରାୟ ୫୦ କୋଟି ଟଙ୍କା ବ୍ୟୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ୭ ମହଲାର ଜିଲା ମୁଖ୍ୟ ଚିକିତ୍ସାଳୟ ନିର୍ମାଣ କରାଯାଇଥିଲା। ୨୦୧୮ ମେ ୨୬ରେ ଏହା କାର୍ଯ୍ୟକ୍ଷମ ହୋଇଥିଲା। ହେଲେ ଦୁଇବର୍ଷ ମଧ୍ୟରେ ବାରମ୍ବାର ଲିଫ୍ଟ ଅଚଳ ହେଉଥିବାରୁ ରୋଗୀମାନେ ଯାତାୟାତରେ ବଡ଼ ହନ୍ତସନ୍ତ ହେଉଛନ୍ତି। ତଳ ମହଲାରେ ଡାକ୍ତରମାନଙ୍କ ପ୍ରକୋଷ୍ଠ ଏବଂ ଆଉଟ୍‌ଡୋର ସାଙ୍ଗକୁ ପଞ୍ଜୀକରଣ, ଔଷଧ ପ୍ରଦାନ, ରଞ୍ଜନ ରଶ୍ମି ଓ ରକ୍ତପରୀକ୍ଷା ଆଦି କାଉଣ୍ଟରମାନ ରହିଛି। ପ୍ରଥମ ମହଲାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ, ଦ୍ୱିତୀୟ ମହଲାରେ ଇଞ୍ଜେକ୍ସନ ପ୍ରଦାନ, ଡାଏଲିସିସ୍ ପ୍ରକୋଷ୍ଠ ଓ ଅସ୍ତ୍ରୋପଚାର ଗୃହ, ତୃତୀୟ ମହଲାରେ ଶିଶୁ ବିଭାଗ, ୪ର୍ଥ ମହଲାରେ ମହିଳା ଓ ପୁରୁଷ ଭେଷଜ ୱାର୍ଡ, ୫ମ ମହଲାରେ ସର୍ଜରି ଓ ଅର୍ଥୋପେଡିକ୍, ୬ଷ୍ଠ ମହଲାରେ ଚକ୍ଷୁ ବିଭାଗ ରହିଛି। ତଳ ମହଲାରେ ଆଉଟ୍‌ଡୋରରେ ଡାକ୍ତରଙ୍କୁ ଦେଖାଇବା ପରେ ଗୁରୁତର ରୋଗୀମାନଙ୍କୁ ଷ୍ଟ୍ରେଚରରେ ଲିଫ୍ଟ ଯୋଗେ ବିଭିନ୍ନ ମହଲାରେ ଥିବା ବିଭାଗଗୁଡ଼ିକୁ ନିଆଯାଇଥାଏ। କିନ୍ତୁ ୩ଟି ଲିଫ୍ଟ ଅଚଳ ଯୋଗୁ ସମସ୍ୟା ହେଉଛି। ଫଳରେ ରୋଗୀମାନଙ୍କୁ ପାହାଚ କିମ୍ବା ର୍‍ୟାମ୍ପ ଦେଇ ଷ୍ଟ୍ରେଚରରେ ବୋହିନେବାକୁ ପଡ୍ରୁଛି।


୭ ମହଲା ବିଶିଷ୍ଟ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ।

- ୪ ଲିଫ୍ଟରୁ ୩ ଅଚଳ, ମରାମତି ହେଉନି
- ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ହନ୍ତସନ୍ତ
- ସ୍ୱାସ୍ଥ୍ୟ ଓ ପୂର୍ତ୍ତ ବିଭାଗ ଦୋଷ ଲଦାଲଦି

କାର୍ଯ୍ୟ କରୁଥିବା ଏକମାତ୍ର ଲିଫ୍ଟ କେବଳ ଦ୍ୱିତୀୟ ଓ ଷଷ୍ଠ ମହଲାରେ ରହୁଥିବାରୁ ଅସୁବିଧା ବଢ଼ିଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର କହିଛନ୍ତି, ଲିଫ୍ଟ ଅଚଳ ନେଇ ପୂର୍ତ୍ତ ଓ ଜିଇଡି ବିଭାଗକୁ ଜଣାଇଛୁ। ଏହାକୁ ସଜାଡିବା କାମ ଉକ୍ତ ବିଭାଗର। ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କହିଛନ୍ତି, ସବୁବେଳେ ଲିଫ୍ଟ ମରାମତି ପୂର୍ତ୍ତ ବିଭାଗର କାମ ନୁହେଁ। ବର୍ଷକ ମଧ୍ୟରେ ମରାମତି କରିଥିଲୁ। ଏଣିକି ଚିକିତ୍ସାଳୟ କର୍ତ୍ତୃପକ୍ଷ ନିଜ ଖର୍ଚ୍ଚରେ ରକ୍ଷଣାବେକ୍ଷଣ ଓ ମରାମତି କରିବା କଥା। ତାଲିମପ୍ରାପ୍ତ ଜଣେ ଲିଫ୍ଟ ଅପରେଟରଙ୍କୁ ରଖାଗଲା ନାହିଁ। ଏ ସମ୍ପର୍କରେ ଚିଠି ଲେଖି ଜଣାଇବା ସହ ଜିଲାପାଳଙ୍କୁ ଅବଗତ କରାଇଛୁ। ଏହି ଗୋଟିଏଥର ମରାମତି କରିଦେବୁ। ଆଗକୁ ଆଉ କରିବୁ ନାହିଁ ବୋଲି ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରକାଶ କରିଛନ୍ତି।

### ରୋଗୀମାନଙ୍କ ସମସ୍ୟା ବଢ଼ିଯିବ



ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକାବେଳେ ୩ଟି ଲିଫ୍ଟ ଅଚଳ ରହିବା ଓ ମରାମତି କରା ନ ଯିବା ଦ୍ୱାରା ବହୁ ଅସୁବିଧା ହେଉଛି। ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏଥିପ୍ରତି ଧ୍ୟାନ ଦେବା ଉଚିତ। ନ ହେଲେ ଚିକିତ୍ସାଳୟକୁ ଭରସା କରି ଆସୁଥିବା ରୋଗୀମାନଙ୍କ ସମସ୍ୟା ଆହୁରି ବଢ଼ିଯିବ।

- ରୁଦ୍ରମାଧବ ମହାପାତ୍ର, ବରିଷ୍ଠ ନାଗରିକ

### ଘରୋଇକରଣ କରିଦିଅନ୍ତୁ



୩ଟି ଅଚଳ ଲିଫ୍ଟର ମରାମତି କରା ନ ଯିବା ଦାୟିତ୍ୱହୀନତାର ପରିଚୟ। ଚିକିତ୍ସାଳୟ କର୍ତ୍ତୃପକ୍ଷ ଯଦି ରକ୍ଷଣାବେକ୍ଷଣ ଓ ମରାମତି କରିପାରୁନାହାନ୍ତି ତା'ହେଲେ ଏହି କାର୍ଯ୍ୟର ଘରୋଇକରଣ କରି ପ୍ରତିବର୍ଷ ରକ୍ଷଣାବେକ୍ଷଣ କରନ୍ତୁ।

- ଶିବସାଇ ମହାପାତ୍ର, ଆଇନଜୀବୀ

## ସଂକ୍ଷେପରେ

### ଆଉ ୧୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ୍, ୨୦।୭:** ଅନୁଗୋଳ ଜିଲାରୁ ସୋମବାର ୧୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଆଠମଲ୍ଲିକ ବ୍ଲକରୁ ୫ ଜଣ, ଅନୁଗୋଳ ପୌରାଞ୍ଚଳରୁ ୩, ଅନୁଗୋଳ ବ୍ଲକ, କଣିହାଁ ଶିଳ୍ପାଞ୍ଚଳ, ତାଳଚେର ବ୍ଲକ ଓ ତାଳଚେର ପୌରାଞ୍ଚଳରୁ ଜଣେ ଲେଖାଏଁ ଆକ୍ରାନ୍ତ ଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହି ୧୨ ଜଣଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୦୧ରେ ପହଞ୍ଚିଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସେହିପରି ଆଉ ୬ ଜଣ ସୁସ୍ଥ ହୋଇଥିବାବେଳେ ଜିଲାରେ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୧୨୪ରେ ପହଞ୍ଚିଛି।

### ଦୁର୍ଘଟଣାରେ ୪ ଗୁରୁତର

ଅନୁଗୋଳ ଅଫିସ୍, ୨୦।୭: ନାଲ୍‌କୋ ଟାଉନସିପ ଠାରେ ସୋମବାର ଅପରାହ୍ନରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଞ୍ଚଳର ଘୋଡ଼ାଡ଼ିଆଁ ଗ୍ରାମର ବିଭୁତି ଭୂଷଣ ନାୟକ(୩୫), ତାଙ୍କ ଦୁଇ ଭଉଣୀ ସିଲା ନାୟକ(୧୯) ଓ ମିତା ନାୟକ(୧୮) ଏବଂ ଅନୁଗୋଳ ଥାନା ଜରାସିଂହା ଗ୍ରାମର ଦେବବ୍ରତ ରାଉତରାୟ(୨୨) ଗୁରୁତର ହୋଇଛନ୍ତି। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସେମାନଙ୍କୁ ଭର୍ତ୍ତି କରାଯାଇଛି। ଅନୁଗୋଳ ବଜାରରୁ ସେମାନେ ଘରକୁ ଫେରୁଥିବାବେଳେ କୋରିୟର ବୟ ଭାବେ କାମ କରୁଥିବା ଦେବବ୍ରତଙ୍କ ବାଇକ୍ ସହ ଧକ୍କା ହୋଇଥିଲା।

### ରେଳଧାରଣା ପାର୍ଶ୍ୱରେ ମୃତଦେହ

**ଢେଙ୍କାନାଳ ଅଫିସ,୨୦।୭:** ଢେଙ୍କାନାଳ ସହରସ୍ଥିତ କୁଞ୍ଜକାନ୍ତ ଅଞ୍ଚଳ ନିକଟ ଦେଇ ଯାଇଥିବା ରେଳଧାରଣା କଡରେ ସୋମବାର ଜଣେ ବ୍ୟକ୍ତିଙ୍କ ମୃତଦେହ କ୍ଷତବିକ୍ଷତ ଅବସ୍ଥାରେ ପଡିଥିବା ଦେଖାଯାଇଛି। ତାଙ୍କ ବାମ ଗୋଡ ଆଣ୍ଠୁତଳୁ କଟିଯାଇଛି। ସେ ପ୍ୟାଣ୍ଟ, ଟିଶାର୍ଟ ସହ ମୁହଁରେ ମାସ୍କ ପିନ୍ଧିଥିବା ଦେଖିବାକୁ ମିଳିଛି। ତାଙ୍କ ପରିଚୟ ଓ ମୃତ୍ୟୁ କେମିତି ହେଲା ତାହା ଜଣାପଡିନାହିଁ। ଘଟଣା ଲେଖାହେବା ସୁଦ୍ଧା ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡିଛି।

### ମୃତକଙ୍କ ପରିବାରକୁ ଏନ୍‌ଟିପିସିର ସହାୟତା

**କଣିହାଁ, ୨୦।୭(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ଏନ୍‌ଟିପିସି ପ୍ରକଳ୍ପର ପାଉଁଶ ପୋଖରୀରେ କାର୍ଯ୍ୟରତ ଜଣେ ଠିକା ଶ୍ରମିକ କାକୁଡିଆ ଗ୍ରାମର ରୁଲୁ ସାହୁଙ୍କ ଗତ ମେ ୧୫ରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏନ୍‌ଟିପିସି ପକ୍ଷରୁ ମୃତକଙ୍କ ପରିବାରକୁ ମୋଟ୍ ୧୭ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ରୁଲୁଙ୍କ ମୃତଦେହ ପୋଖରୀ ନିର୍ମାଣ ହୁଡାରେ ମିଶିଯାଇଥିବାବେଳେ ଘଟଣା ପରଦିନ ଅର୍ଥାତ ୧୬ ତାରିଖରେ ମାଟିତଳୁ ଏହାକୁ ଉଦ୍ଧାର କରାଯାଇଥିଲା। କ୍ଷତିପୂରଣ ଦାବିରେ ଆନ୍ଦୋଳନ ହେବା ପରେ ପ୍ରକଳ୍ପ କର୍ତ୍ତୃପକ୍ଷ ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ ୬୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲେ। ସୋମବାର ପ୍ରକଳ୍ପ ପକ୍ଷରୁ ବକେୟା ୧୧ ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ମୃତକଙ୍କ ପରିବାରକୁ ଏହି ଟଙ୍କାର ଚେକ୍ ଦେଇଥିଲେ।

### ଚୋରି ଟାୟାର କିଣିବା ଅଭିଯୋଗରେ ଜଣେ ଗିରଫ

**ଅନୁଗୋଳ ଅଫିସ୍, ୨୦।୭:** ଅନୁଗୋଳ ଥାନା ଅଞ୍ଚଳରେ ଚୋରି ଟାୟାର କିଣିବା ଅଭିଯୋଗରେ ଦୋକାନୀ ମୋହିତ୍ ପ୍ରଧାନ(୪୫)ଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ମୋହିତଙ୍କ ଘର କରତରା ଅଞ୍ଚଳରେ ହୋଇଥିବାବେଳେ ମଝିକାରେ ତାଙ୍କର ଟାୟାର ଦୋକାନ ରହିଛି। ଆମ୍ବପାଳ ନତଡ଼ା ଅଞ୍ଚଳର ବିରଞ୍ଚି ଭୂତିଆଙ୍କ ଟ୍ରକ୍‌ରୁ ଗତ ମେ ୨୯ରେ ରାଜେନ୍ଦ୍ର ସେନାପତି, ବବୁଲୁ ନାଥ ଓ ବିଷ୍ଣୁ ଚରଣ ନାଥ ଟାୟାର ଚୋରି କରି ମୋହିତ୍‌ଙ୍କୁ ବିକ୍ରି କରିଥିଲେ। ପୂର୍ବରୁ ଏହି ୩ ଜଣଙ୍କୁ ଗିରଫ କରାଯାଇଛି।

# କୋଭିଡ୍ କେନ୍ଦ୍ରକୁ ବିରୋଧ


କୋଶଳା ଗ୍ରାମରେ ଥିବା କଲ୍ୟାଣମଣ୍ଡପ।

ଛେଣ୍ଡିପଦା, ୨୦।୭(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା, ଜରପଡା ଓ ପାଟକୁମୁଣ୍ଡା ଗ୍ରାମରେ ବ୍ଲକ ପ୍ରଶାସନ ପକ୍ଷରୁ କୋଭିଡ କେନ୍ଦ୍ର କରିବା ପାଇଁ ନିଷ୍ପତ୍ତି ହୋଇଛି। କିନ୍ତୁ କୋଶଳା ଗ୍ରାମରେ ଥିବା କଲ୍ୟାଣମଣ୍ଡପକୁ କୋଭିଡ୍ କେନ୍ଦ୍ର କରାଯିବାକୁ ବ୍ଲକ ପ୍ରଶାସନର ନିଷ୍ପତ୍ତିକୁ ଗ୍ରାମବାସୀଙ୍କ ବିରୋଧ କରିଛନ୍ତି। ପଞ୍ଚାୟତ ସମିତି ଚିଠି ନଂ. ୧୩୦୪ ତା ୧୬।୭।୨୦୨୦ରେ କୋଶଳା ମା' ରାମଚଣ୍ଡୀ ଟ୍ରଷ୍ଟ ବୋର୍ଡ ସଭାପତିଙ୍କୁ ଟ୍ରଷ୍ଟ ଅଧୀନରେ ଥିବା କଲ୍ୟାଣମଣ୍ଡପକୁ କ୍ଲଷ୍ଟର ଆଞ୍ଚଳିକ ସ୍ତରରେ ଅସ୍ଥାୟୀ ମେଡିକାଲ କ୍ୟାମ୍ପ କରିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଜଣାଯାଇଛି। ତେବେ ଜନଗହଳି ସ୍ଥାନରେ କୋଭିଡ୍ ସେଣ୍ଟର ହୋଇପାରିବନି ବୋଲି ନିୟମ ରହିଥିଲେ ମଧ୍ୟ ଏହାକୁ ଉଲ୍ଲଂଘନ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଞ୍ଚାୟତର ୱାର୍ଡ ନମ୍ବର ୧୩, ୧୫, ୧୬ ଓ।୧୭ର ମଧ୍ୟ ସ୍ଥଳରେ ଏହି କଲ୍ୟାଣମଣ୍ଡପ ଥିବାବେଳେ ଏହାର ଦୁଇ ପାଖରେ ୨ଟି ପୋଖରୀ ରହିଛି। ଲୋକେ ଦୈନନ୍ଦିନ କାମ ପାଇଁ ଏହା ଉପରେ ନିର୍ଭର କରନ୍ତି। ତେଣୁ ଜନବସତିଠାରୁ ଦୂରସ୍ଥାନରେ କୋଭିଡ୍ ସେଣ୍ଟର କରାଯିବାକୁ ଗ୍ରାମବାସୀ ଓ ମା'ରାମଚଣ୍ଡୀ ଟ୍ରଷ୍ଟବୋର୍ଡ ପକ୍ଷରୁ ବ୍ଲକ ପ୍ରଶାସନଙ୍କୁ ଲିଖିତ ଭାବେ ଜଣାଯାଇଛି।

# ୨୨ରେ ଅନୁଗୋଳ ବନ୍ଦ ଡାକରା

**ଅନୁଗୋଳ ଅଫିସ୍, ୨୦।୭:** ଅନୁଗୋଳରେ କରୋନା ସଂକ୍ରମଣ ରୋକିବାକୁ ସହରାଞ୍ଚଳରେ କମ୍ପାନୀ କର୍ମଚାରୀ ବସ୍ ଚଳାଚଳ ବନ୍ଦ, ଶିଳ୍ପ ସଂସ୍ଥାକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିବା ପାଇଁ ବାରମ୍ବାର ଦାବି କରାଯାଇଛି। କିନ୍ତୁ ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ପ୍ରତିବାଦରେ ଜିଲା କଂଗ୍ରେସ ପକ୍ଷରୁ ଆସନ୍ତା ୨୨ ତାରିଖ ବୁଧବାର ଅନୁଗୋଳ ସହର ବନ୍ଦ ଡାକରା ଦିଆଯାଇଛି। ଏ ନେଇ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା ସୂଚନା ଦେଇଛନ୍ତି। ଏଥିସହ ଶନିବାର ଓ ରବିବାର ବ୍ୟବସାୟିକ ପ୍ରତିଷ୍ଠାନ ଖୋଲା ରଖିବାକୁ ଜିଲା କଂଗ୍ରେସ ଦାବି କରିଛି। ବନ୍ଦ ପାଳନବେଳେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ ବୋଲି ଜିଲା କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି।

# ଧାରଣା, ଥାନା ଘେରାଉ



ଗ୍ରାମବାସୀ ଧାରଣା ଦେବା ସହ ଥାନା ଘେରାଉ କରିଛନ୍ତି।

**କାମାକ୍ଷାନଗର, ୨୦।୭(ଡି.ଏନ.ଏ.):** ଢେଙ୍କାନାଳ ଜିଲା କଙ୍କଡାହାଡ ଥାନା କଣ୍ଟାପାଳ ୨ ନମ୍ବର କଲୋନୀର ଏକ ନିର୍ମାଣାଧୀନ କୂଅରୁ ଗତ ୧ ତାରିଖରେ ଗ୍ରାମର ଚନ୍ଦ୍ରମଣି ସାହୁ(୪୦)ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ଅଭିଯୋଗ ସତ୍ତ୍ୱେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତୁରନ୍ତ ଦୋଷୀଙ୍କୁ ଗିରଫ କରିବା ଦାବିରେ ସୋମବାର ଗ୍ରାମବାସୀ ଧାରଣା ଦେବା ସହ ଥାନା ଘେରାଉ କରିଛନ୍ତି। ଅଭିଯୋଗ ଅନୁଯାୟୀ,ଚନ୍ଦ୍ରମଣି କଣ୍ଟାପାଳ ଅସ୍ଥାୟୀ କୋଭିଡ ସଙ୍ଗରୋଧ କେନ୍ଦ୍ରରେ ରୋଷେୟା ଭାବେ କାମକରୁଥିଲେ। ସେ ଜୁନ ୨୯ରୁ ନିଖୋଜ ଥିବାବେଳେ ଗତ ୧ ତାରିଖରେ ପୋଲିସ ମୃତଦେହ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ବସିଯାଇଛି। ଥାନା ଅଧିକାରୀ ଆଶିଷ କୁମାର ଜେନା, କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁପ୍ରସନ୍ନ ମଲ୍ଲିକ କୁହନ୍ତି, ଉଦ୍ଦେଶ୍ୟମୂଳକ ଭାବେ ତଦନ୍ତରେ ବିଳମ୍ବ କରାଯାଉନାହିଁ। ସମସ୍ତ ରିପୋର୍ଟ ଆସିଲାପରେ ତାହା ହତ୍ୟା କି ନା ଜଣାପଡିବ।

# ପୌରପାଳିକା ମୁଣ୍ଡରେ ଅଳିଆ ବୋଝ

ଅନୁଗୋଳ ଅଫିସ୍, ୨୦।୭

ଅନୁଗୋଳ ପୌରପାଳିକା ମୁଣ୍ଡରୁ ହଟୁନି ସହରର ଅଳିଆ ଚିନ୍ତା। କେତେବେଳେ ଆବର୍ଜନା ପକାଇବାକୁ ନେଇ କେଉଁଠୁ ବିରୋଧର ସମ୍ମୁଖୀନ ହେବାକୁ ପଡୁଛି ତାହାର କିଛି ଠିକ୍‌ଠିକଣା ରହୁନି। ଦୀର୍ଘ ବର୍ଷ ହେଲା ଏପରି ସମସ୍ୟାର ସମାଧାନ ହେଉ ନ ଥିବାବେଳେ ଏବେ ପଞ୍ଚମହଲା ଡମ୍ପିଂୟାର୍ଡରେ ଅଳିଆ ପକାଯିବାକୁ ଅଞ୍ଚଳବାସୀଙ୍କ ବିରୋଧ କାରଣରୁ ସହରର ବିଭିନ୍ନ ସ୍ଥାନରେ ଟନ୍ ଟନ୍ ଆବର୍ଜନା ଗଦା ହୋଇ ରହିଛି। ଦୈନିକ ୧୨ ଟନ୍ ଉଠାଯିବା ବଦଳରେ ଉଠୁଛି ମାତ୍ର ୫ ଟନ୍।

ପଞ୍ଚମହଲାରେ ନିର୍ମାଣ ହୋଇଥିବା ଡମ୍ପିଂୟାର୍ଡରେ ଅଳିଆ ପକାଯିବାକୁ ନେଇ ଉଠିଛି ବିରୋଧ। ମୁତୟନ ପୋଲିସ ସହ ଅଞ୍ଚଳବାସୀଙ୍କ ମୁହାଁମୁହିଁ ପରଠାରୁ ସେଠାକୁ ଆବର୍ଜନା ଗାଡ଼ି ପୌର ପ୍ରଶାସନ ପଠାଉ ନାହିଁ। ଏଣେ ସହର ସଫେଇ ମଧ୍ୟ ପୂର୍ଣ୍ଣମାତ୍ରାରେ ହୋଇପାରୁ ନାହିଁ। ତଥାପି ଯଥା ସମ୍ଭବ ସଫେଇ ଚାଲିଥିବା ପୌରପାଳିକା ପକ୍ଷରୁ କୁହାଯାଇଛି। ସେହିପରି ସହରରେ ହୋଇଥିବା ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର(ଏମ୍‌ସିସି) ଗୁଡ଼ିକ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ସେଠାରେ ସହରର ସମ୍ପୂର୍ଣ୍ଣ ଅଳିଆ ପକାଯାଇ ପାରୁନାହିଁ। ଡମ୍ପିଂୟାର୍ଡ ସମସ୍ୟାର ସମାଧାନ ପାଇଁ ପ୍ରଶାସନ, ପୌରପାଳିକା ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ଚାଲିଛି ବୋଲି ପୌର କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।



- ଡମ୍ପିଂୟାର୍ଡ ବିବାଦର ସମାଧାନ ହେଉନି
- ସହର ସଫେଇ ବାଧାପ୍ରାପ୍ତ
- ୧୨ ଟନ୍ ସ୍ଥାନରେ ଉଠୁଛି ମାତ୍ର ୫ଟନ୍ ଆବର୍ଜନା

### କେତେଜଣ ବ୍ୟକ୍ତିଙ୍କ ଚକ୍ରାନ୍ତ



ପଞ୍ଚମହଲା ଡମ୍ପିଂୟାର୍ଡରେ ବର୍ଷେ ହେବ ଅଳିଆ ପକାଯାଉଛି। ପୂର୍ବରୁ କୌଣସି ବିରୋଧ ହେଉ ନ ଥିଲା। କିନ୍ତୁ କିଛି ଦିନ ହେବ ହଠାତ୍ ସ୍ୱର ଉତ୍ତୋଳନ କରାଯାଉଛି। ଏହା ପଛରେ କେତେଜଣ ଚକ୍ରାନ୍ତକାରୀ ବ୍ୟକ୍ତି ରହିଥିବା ଜଣାପଡ଼ିଲାଣି। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି।

- ବିନୋଦ ଚନ୍ଦ୍ର ପଣ୍ଡା, ପୌର ନିର୍ବାହୀ ଅଧିକାରୀ

### ସ୍ଥାୟୀ ସମାଧାନ ଦରକାର



ଅନୁଗୋଳ ପୌରପାଳିକା ଏହି ବିବାଦର ସ୍ଥାୟୀ ସମାଧାନ କରିପାରୁ ନାହିଁ। ଏଥିଯୋଗୁ ଅଧିକାଂଶ ସମୟରେ ସହରରୁ ଆବର୍ଜନା ଉଠିପାରୁ ନାହିଁ। ପୌର ପ୍ରଶାସନର ଏପରି ବିଫଳତାର ଦଣ୍ଡ ଭୋଗୁଛନ୍ତି ଲୋକେ। ସେମାନେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶର ସମ୍ମୁଖୀନ ହେଉଛନ୍ତି।

- କଲ୍ୟାଣ କିଶୋର ମହାନ୍ତି, ସହରବାସୀ

### ଏବେକାର ନୁହେଁ



୬ ବର୍ଷ ହେବ ଏହି ସମସ୍ୟା ଦେଖାଦେଉଛି। ବିଭିନ୍ନ ଗ୍ରାମାଞ୍ଚଳରେ ସହରର ଅଳିଆ ପକାଇବାକୁ ଉଦ୍ୟମ କରାଯାଉଛି। ବିରୋଧ ପରେ ମୁହଁ ଫେରାଉଛି। ଏଥର ଡମ୍ପିଂୟାର୍ଡ ହୋଇଥିବାରୁ ସମାଧାନ ହୋଇଯିବା ଆଶା ଥିଲା। କିନ୍ତୁ ବିରୋଧ ବଢୁଥିବାରୁ ସମସ୍ୟା ଦୂର ହୋଇପାରୁ ନାହିଁ।

- ଦିବ୍ୟରଞ୍ଜନ ଦାସ, ସହରବାସୀ

# ହାତ ବାନ୍ଧିଛି ନିଅଣ୍ଟିଆ ବର୍ଷା

ବଇଣ୍ଡା, ୨୦।୭(ଡି.ଏନ.ଏ.)

ଚଳିତବର୍ଷ ଭଲ ବର୍ଷାର ପୂର୍ବାନୁମାନ ନେଇ ଚାଷୀକୁଳ ଉତ୍ସାହିତ ଥିଲେ। ବିଲରେ ହଳ ବୁଲାଇବା ସହ ତଳି ମଧ୍ୟ ପକାଇଥିଲେ। ହେଲେ ହାତ ବାନ୍ଧିଦେଇଛି ନିଅଣ୍ଟିଆ ବର୍ଷା। କେଉଁଠି ପାଣି ଅଭାବରୁ ତଳି ବଢ଼ିପାରୁନି ତ ଆଉକେଉଁଠି ରୁଆ କାର୍ଯ୍ୟ ଆଗେଇପାରୁ ନାହିଁ। ସମୟ ଗଡ଼ି ଯାଉଥିବାରୁ ପଛେଇଥିବା ଚାଷକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକର ଚାଷୀକୁଳ।

କିଶୋରନଗର ବ୍ଲକର ୨୩ ପଞ୍ଚାୟତରେ ୨୪ ହଜାର ୧୯୫ ହେକ୍ଟର ଚାଷ ଜମି ରହିଛି। ସେଥିମଧ୍ୟରୁ ୧୫ ହଜାର ୭୧୩ ହେକ୍ଟରରେ ଅଣଧାନ ଓ ୮ ହଜାର ୪୮୨ ହେକ୍ଟରରେ ଧାନ ଫସଲ ହୋଇଥାଏ। କିନ୍ତୁ ଚଳିତବର୍ଷ ନିଅଣ୍ଟିଆ ବର୍ଷା ଚାଷ ପାଇଁ ସଙ୍କଟ ସୃଷ୍ଟି କରିଛି। ରୁଆ କାର୍ଯ୍ୟ ଏକପ୍ରକାର ପଛେଇ ଯାଇଛି। ବ୍ଲକର ୩୦ ପ୍ରତିଶତ ଜମି ପଡ଼ିଆ ପଡ଼ିଥିବା ବେଳେ କେତେକ ସ୍ଥାନରେ ପୋଖରୀରୁ ପାଣି ମଡାଇ ଧାନ ରୁଆ ହେଉଛି। ଗତ ଜୁନରେ ବ୍ଲକରେ ୨୪୬.୪ ମିଲିମିଟର ବର୍ଷା ଆବଶ୍ୟକ ଥିବାବେଳେ ୨୩୦.୨୦ ମିଲିମିଟର ବର୍ଷା ହୋଇଛି। ସେହିପରି ଜୁଲାଇରେ ୪୩୫.୦୯ ମିଲିମିଟର ସ୍ଥାନରେ ବର୍ତ୍ତମାନ ସୁଦ୍ଧା ମାତ୍ର ୧୭୬.୪୬ ମିଲିମିଟର ବର୍ଷା ହୋଇଛି। କେବଳ ବର୍ଷା ନୁହେଁ ସାର ଅଭାବ ମଧ୍ୟ ସମସ୍ୟାକୁ ଆହୁରି ବଢାଇ ଦେଇଛି। ବ୍ଲକ ପାଇଁ ୩ ହଜାର କୁଇଣ୍ଟାଲ ୟୁରିଆ ଓ ୨ ହଜାର କୁଇଣ୍ଟାଲ ଡିଏସ୍‌ପି ସାର ଆବଶ୍ୟକ। ଏହାର ଯୋଗାଣ ପାଇଁ ରଣିଆକଟା, ହିମିତିରା, ଉରୁକୁଳା, ଅଙ୍ଗପଡା, ଲୁହାମୁଣ୍ଡା, ହଣ୍ଡପା, ବାମୁର, ଧଉରାପାଲି ଆଦି ସେବା ସମବାୟ ସମିତିକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଲୁହାମୁଣ୍ଡା, ହଣ୍ଡପା, ବାମୁର, ଧଉରାପାଲି ସମିତିକୁ ମାତ୍ର ୧ ହଜାର କୁଇଣ୍ଟାଲ ୟୁରିଆ ସାର ଆସିଥିବାବେଳେ ଧଉରାପାଲି, ବାମୁର, ହିମିତିରା ସମିତିକୁ ୪୫୦ କୁଇଣ୍ଟାଲ ଡିଏସ୍‌ପି ସାର ଆସିଛି। ରଣିଆକଟା, ଉରୁକୁଳା, ଅଙ୍ଗପଡା ସମବାୟ ସମିତିକୁ ଆଦୌ ସାର ଆସିନାହିଁ। ଫଳରେ ଏହି ସମିତି ଉପରେ ନିର୍ଭର କରୁଥିବା ଧଉରପାଳ, ଅଙ୍ଗପଡା, ସଞ୍ଚାମୁରା, ରଣିଆକଟା, ଉରୁକୁଳା, ନାକିଚି, ଠେଲକନାଳୀ ଆଦି ୭ ପଞ୍ଚାୟତର ୩୦ ଗ୍ରାମର ଚାଷୀ ଆଦୌ ସାର ପାଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ସେମାନେ ଚଢ଼ା ଦରରେ ବଇଣ୍ଡା, କିଶୋରନଗର, ବାମୁର ଅଞ୍ଚଳରୁ ସାର କିଣୁଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ସମ୍ପର୍କରେ ବଇଣ୍ଡା କୃଷି ଅଧିକାରୀ ଚଣ୍ଡିପ୍ରସାଦ ମହାଳିକ କୁହନ୍ତି, କିଶୋରନଗର ବ୍ଲକରେ ଚାଷ କାର୍ଯ୍ୟ ଠିକ୍‌ଠାକ୍ ଚାଲିଛି। କିଛି ପଞ୍ଚାୟତରେ ରୁଆ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ବର୍ଷା ପରିମାଣ ବଢ଼ିଲେ ସମସ୍ୟା ଦୂର ହୋଇଯିବ। ସେହିପରି ଆଠମଲ୍ଲିକ ସହକାରୀ ସଂଯୁକ୍ତ ସମବାୟ ପ୍ରବନ୍ଧକ ସୁରେନ୍ଦ୍ର କୁମାର ଜେନା କହିଛନ୍ତି, ଯେତିକି ସାର ଆବଶ୍ୟକ ତାହା ଆସିନାହିଁ। ୫ଟି ସୋସାଇଟିକୁ ଅଳ୍ପ ପରିମାଣର ଆସିଛି। ୩ଟି ସୋସାଇଟିକୁ ଆଦୌ ଆସିନାହିଁ। ସମସ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି।


କେତେଜଣ ଚାଷୀ ରୁଆ କାର୍ଯ୍ୟ କରୁଛନ୍ତି।

- ପଛଉଥିବା ଚାଷକୁ ନେଇ ଚିନ୍ତାରେ ଚାଷୀ
- ବ୍ଲକର ୩୦ ପ୍ରତିଶତ ଜମି ପଡ଼ିଆ
- ୭ ପଞ୍ଚାୟତରେ ପହଞ୍ଚିନି ସାର

### ଚିନ୍ତାରେ ପକାଇଛି ନିଅଣ୍ଟିଆ ବର୍ଷା



ଶ୍ରାବଣ ମାସରେ ରୁଆ କାର୍ଯ୍ୟ ସମାପ୍ତ ହେବା କଥା। ହେଲେ ଚଳିତ ମାସରେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଅନେକ ଚାଷୀ ତଳି ପକାଇଥିଲେ ମଧ୍ୟ ତାହା ରୁଆଯୋଗ୍ୟ ହୋଇପାରି ନାହିଁ। ପାଣି ଅଭାବ ଯୋଗୁ ଚାଷ କାର୍ଯ୍ୟ ଠପ୍ ହୋଇଯାଇଛି।

- କୃଷ୍ଣଚନ୍ଦ୍ର ଦ୍ୱାରୀ, ଚାଷୀ

### ଡିପବିଲ ଶୁଖିଲା ପଡ଼ିଛି



ଚଳିତବର୍ଷ ଚାଷ କାର୍ଯ୍ୟ ପଛେଇ ଚାଲିଛି। ଉପର ତଥା ଡିପବିଲ ଗୁଡ଼ିକ ଶୁଖିଲା ପଡ଼ିଥିବାରୁ ପମ୍ପ ସହାୟତାରେ ପାଣି ମଡ଼ାଯାଉଛି। ବର୍ଷା ନ ହେଲେ ଚାଷ ବଞ୍ଚାଇବା କଷ୍ଟକର ହୋଇପଡ଼ିବ। ସରକାରଙ୍କ ପକ୍ଷରୁ ଅଧିକ ସବ୍‌ସିଡ୍ ବ୍ୟବସ୍ଥା କରାଯାଉ।

- ପରମା ସାହୁ, ଚାଷୀ

### ମାଗଣାରେ ସାର, କୀଟନାଶକ ମିଳୁ



ଅଙ୍ଗପଡ଼ା ପଞ୍ଚାୟତର ଚାଷୀମାନେ ଅଧିକ ଧାନ ଫସଲ କରନ୍ତି। ସୋସାଇଟିରେ ସାର ମିଳୁ ନ ଥିବାରୁ ତଳି ବଢ଼ିପାରୁ ନାହିଁ। ଏହାଛଡ଼ା ବର୍ତ୍ତମାନର ସଙ୍କଟ ସମୟରେ ସରକାର ମାଗଣାରେ ବିହନ, ସାର, ଔଷଧ ଯୋଗାଇ ଦେଲେ ଚାଷ ପ୍ରତି ଆଗ୍ରହ ବଢ଼ନ୍ତା।

- ସୁବ୍ରତ ସାହୁ, ଚାଷୀ

### ସମ୍ପୂର୍ଣ୍ଣ ହୋଇପାରୁନି ପ୍ରକଳ୍ପ



ସୁରେଶ୍ୱରୀ ଓ ଧଉରାଗୋଠ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଫଳରେ ବର୍ଷା ନ ହେଲେ ଚାଷ କାର୍ଯ୍ୟ ଆଗେଇପାରିବ ନାହିଁ। ଠିକ୍ ଭାବେ ସାର, ବିହନ ଯୋଗାଇ ଦିଆଯାଉ ନ ଥିଲେ ମଧ୍ୟ ଚାଷୀମାନେ ଚାଷ କରିବାକୁ ବାହାରି ପଡ଼ିଛନ୍ତି।

- ସନାତନ ସାହୁ, ଚାଷୀ

# ଢେଙ୍କାନାଳରେ ଆଉ ୧୧ ଆକ୍ରାନ୍ତ

**ଢେଙ୍କାନାଳ ଅଫିସ, ୨୦।୭:** ଢେଙ୍କାନାଳ ଜିଲାରେ ସୋମବାର ୧୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କାମାକ୍ଷାନଗର କନ୍ତିଓପୁଟସାହି ସଙ୍ଗରୋଧ କେନ୍ଦ୍ରରୁ ୫ ଜଣ, ଏନ୍‌ଏସିରେ ହୋମ୍ କ୍ୱାରେଣ୍ଟାଇନରେ ଥିବା ଜଣେ, ସଦର ବ୍ଲକ ସାଙ୍କୁଲେଇ ସଙ୍ଗରୋଧ କେନ୍ଦ୍ରରୁ ଜଣେ, ଓଡାପଡା ବ୍ଲକ ବଉଳପୁର ହୋମ୍ କ୍ୱାରେଣ୍ଟାଇନରେ ଥିବା ଜଣେ, ଢେଙ୍କାନାଳ ପୌରାଞ୍ଚଳ ଆନନ୍ଦନଗର ଅଞ୍ଚଳରେ ହୋମ୍ କ୍ୱାରେଣ୍ଟାଇନରେ ଥିବା ଜଣେ ବ୍ୟକ୍ତି ରହିଛନ୍ତି। ସେହିପରି ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଣ୍ଟିଜେନ୍ କିଟ୍ ଟେଷ୍ଟରେ ଜଣେ ମହିଳା ଫାର୍ମାସିଷ୍ଟଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ପରେ ଚିକିତ୍ସାଳୟର ୧୨ ଜଣ କର୍ମଚାରୀ ହୋମ୍ କ୍ୱାରେଣ୍ଟାଇନରେ ରହିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ କର୍ଣ୍ଣାଟକରୁ ୨ ଜଣ, ମହାରାଷ୍ଟ୍ରରୁ ୨ ଜଣ, ଆନ୍ଧ୍ରପ୍ରଦେଶରୁ ଜଣେ, ଗୁଜରାଟରୁ ଜଣେ, ଜାମ୍ମୁରୁ ଜଣେ, ତେଲଙ୍ଗାନାରୁ ଜଣେ, ଉତ୍ତରପ୍ରଦେଶରୁ ଜଣେ ଓ ଭୁବନେଶ୍ୱରରୁ ଜଣେ ଆସି ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ଆକ୍ରାନ୍ତମାନଙ୍କୁ ଜିଲା କୋଭିଡ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପଜିଟିଭ ଚିହ୍ନଟ ହୋଇଥିବା ଫାର୍ମାସିଷ୍ଟ ଗନ୍ଦିଆ ମେଡିକାଲ କଲେଜ ଅଞ୍ଚଳରେ ରହୁଥିବାରୁ ସଂକ୍ରମଣ ଆଶଙ୍କା କରି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଗନ୍ଦିଆ ବ୍ଲକ ମହକୁମା ଅଞ୍ଚଳକୁ ୭୨ ଘଣ୍ଟା କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି।

